ODM EDUCATIONAL GROUP
Changing your Tomorrow

# ବାଲୁତ ବୀର ସେ

କବି:ଅନନ୍ତ ପଟ୍ଟନାୟକ

ଶ୍ରେଣୀ:ସପ୍ତମ

ଚତୁର୍ଥ ଦିନ

**SUB-CONCEPTS:ଦେଶ ପ୍ରେମର ଅନନ୍ୟ ଅନୁଭବ ।**

## ପୂର୍ବ ପାଠ୍ୟର ଆଲୋଚନା-

୧.ଭାଇର ଆଦେଶ ନାହିଁ କହିଲେ କ'ଣ ବୁଝ ?
୨.ନେବି ନାହିଁ ନାଆ ବୋଲି କିଏ କହିଲା ?
୩.ରକ୍ତ-ପାୟୀର ଅର୍ଥ କ'ଣ ?

ODM EDUCATIONAL GROUP

# କବିତାଂଶ ବ୍ୟାଖ୍ୟା:

ଧାଇଁ ଧାଇଁ ଧାଇଁ ନଳୀରୁ ଛୁଟିଲା ଗୁଳି
ପଲକେ ପଡିଲା ନାଉରୀ ଚୋକା ସେ
ଡଙ୍ଗା ଉପରେ ଟଳି-
ପହଁରି ପଳାସୀ ସିପାହୀ ଆସିଲେ
ସଙ୍ଗିନ ମୁନେ ଭୁସିଲା ମଥା ତା !
ଓଲଟି ଗଲା ତା' କଅଳ ଖପୁରି-ତଳି !!
ବାଲୁତ ବୀର ସେ ବାଜି ରାଉତର ତତଲା ରକତ ଧାର !
ଦଳିତ ଜାତିର ଲଲାଟେ ଲେଖିଲା,ମୁକ୍ତି ସମରେ,ଆଦ୍ୟ ବିଜୟ ଗାର !!
ଆସୁଥିଲେ ଲୋକେ ଗାଆଁରୁ ଗାଆଁକୁ ବିଲ-ଗହଳରେ ଧାଇଁ !
ମେଘେ କୋଳେ ଦୂରେ ଉଇଁଲା ସୂର୍ଯ୍ୟ ଚାହିଁ-
ତଟ ଘାସ ବୁଦା ଥରୁ ଥିଲା ସତେ ବୀର ଆଶ୍ଲେଷ ପାଇ
ଅତ୍ୟାଚାରୀର ଶାସନ ସରିଲା ଭୟ ନାହିଁ ଭୟ ନାହିଁ !!"

# ସାରାଂଶ:

- ସାମାନ୍ୟ ନାଉରୀ ବାଳକର ଏତାଦୃଶ୍ୟ ହେୟ ଜ୍ଞାନ ଓ ବେଖାତିର ସିପାହୀମାନଙ୍କୁ ଅସହ୍ୟ ମନେ ହେଲା । ଅବିଳମ୍ବେ ବନ୍ଧୁକ ମୁନରୁ ଗୁଳି ଛୁଟିବାକୁ ଲାଗିଲା ଓ ଆଖି ପଲକ ମାତ୍ରକେ ବାଲୁତ ବୀର ବାଜି ଟଳି ପଡିଲା ନାଆ ଉପରେ । ଖାଲି ସେତିକିରେ ସିପାହୀମାନଙ୍କ କ୍ରୋଧ ଶାନ୍ତ ହୋଇନଥିଲା । ପହଁରି ପହଁରି ନଦୀପାର ହୋଇ ସେମାନେ ବାଜିର ଅଷ୍ଟାଙ୍ଗ ଶରୀରକୁ ସେ ସଙ୍ଗିନ ମୁନରେ ଭୁଷିବାକୁ ଲାଗିଲେ ।ବାଳକ ବାଜି ଦେହର ଉଷ୍ମ ରକ୍ତରେ ରଞ୍ଜିତ ହେଲା ନାଆ । ସେତେବେଳେ ତା'ର ମୁଣ୍ଡର ଖପୁରି ଓଲଟି ପଡିଥିଲା ।
- ମେଘୁଆ ଆକାଶ ପରିଷ୍କାର ହୋଇ ଆସୁଥିଲା । ନରମ କିରଣ ବିଞ୍ଚି ସୂର୍ଯ୍ୟ ଉଇଁ ଆସୁଥିଲେ ପୂର୍ବ ଆକାଶରେ । ସମବେତ ଜନତା ଅନୁଭବ କରୁଥିଲେ ସତେ ଯେପରି ନଦୀକୂଳର କଅଳ ଘାସ ବାଲୁତ ବାଜିରାଉତର ସ୍ପର୍ଶ ପାଇ ଥରି ଉଠୁଥିଲା । ଗରିବ ନାଉରିଆ,ବାଲୁତ ବୀର ବାଜି ରାଉତ ମରି ମଧ୍ୟ ଅମର ହୋଇଛି ।

# କଠିନ ଶବ୍ଦର ଅର୍ଥ:

ODM EDUCATIONAL GROUP

- ନଳୀ-ବନ୍ଧୁକ
- ପଳାସୀ-ଶୀଘ୍ର ଧାଇଁଯିବା
- ଲଲାଟେ-କପାଳରେ,ମଥାରେ
- ଆଶ୍ଳେଷ-ଆଲିଙ୍ଗନ
- ସଙ୍ଗୀନ-ବନ୍ଧୁକର ଅଗ୍ର ଭାଗରେ ଲାଗିଥିବା ଧାରୁଆ ଛୁରୀ
- ମୁକ୍ତି ସମରେ-ସ୍ୱାଧୀନତା ସଂଗ୍ରାମରେ
- ପଲକେ-ଆଖି ପଲକ ମାତ୍ରକେ
- ଆଦ୍ୟ-ପ୍ରଥମ
- ବିଲ ଗହଳରେ-ଶସ୍ୟକ୍ଷେତ୍ର ମଧ ଭାଗ ଦେଇ

# ବ୍ୟାକରଣଗତ ଶବ୍ଦ:

## ବିପରୀତ ଶବ୍ଦ:

କଅଳ-ଟାଣ
ତତଲା-ଥଣ୍ଡା
ଆଦ୍ୟ-ଶେଷ
ବାଳୁତ-ବୃଦ୍ଧ

## ପ୍ରତିଶବ୍ଦ:

ମଥା-ମସ୍ତକ,ମୁଣ୍ଡ
ବାଳୁତ-ଶିଶୁ,ବାଳକ
ମେଘ-ବାରିଦ,ନୀରଦ,ଘନ
ସୂର୍ଯ୍ୟ-ରବି,ଆଦିତ୍ୟ

## ଲିଙ୍ଗ ପରିବର୍ତ୍ତନ

ଶାସକ-ଶାସିକା
ବୀର-ବୀରା

ODM EDUCATIONAL GROUP

# ଗୃହକର୍ମ:

## କବିତାଟିକୁ ନେଇ ଏକ ଅନୁଚ୍ଛେଦ ଲେଖ ।

THANKING YOU

ODM EDUCATIONAL GROUP